# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 17 March - 2026

*********************************

## ମୁଖ୍ୟ ସମ୍ବାଦ

- କଟକ ବଡ଼ମେଡିକାଲ ଅଗ୍ନିକାଣ୍ଡ ଘଟଣାକୁ ନେଇ ବିଧାନସଭାରେ ବିରୋଧୀଙ୍କ ହଟ୍ଟଗୋଳ; ଅପରାହ୍ନ ୪ଟା ପର୍ଯ୍ୟନ୍ତ ଗୃହ ମୁଲତବୀ
- ନ୍ୟାୟିକ ତଦନ୍ତ ରିପୋର୍ଟ ଆଧାରରେ ଏସ୍.ସି.ବି. ଅଗ୍ନିକାଣ୍ଡ ଘଟଣାର ଦୋଷୀଙ୍କ ବିରୁଦ୍ଧରେ ନିଆଯିବ କାର୍ଯ୍ୟାନୁଷ୍ଠାନ, ଗୃହକୁ ସୂଚନା ଦେଲେ ସ୍ୱାସ୍ଥ୍ୟମନ୍ତ୍ରୀ
- ଚୈତ୍ର ତ୍ରୟୋଦଶ ତିଥିରେ ବୈତରଣୀ ଓ ଋଷିକୂଲ୍ୟା ସମେତ ବିଭିନ୍ନ ନଦୀରେ ଶ୍ରଦ୍ଧାଳୁଙ୍କ ମହାବାରୁଣୀ ସ୍ନାନ

ଏବଂ

- ରାଜ୍ୟର ପ୍ରସିଦ୍ଧ ଶକ୍ତିପୀଠମାନଙ୍କରେ ଚାଲିଛି ଚୈତ୍ର ମଙ୍ଗଳବାର ପୂଜାର୍ଚ୍ଚନା

BBSR/R

# ବିଧାନସଭା– ଇଣ୍ଟ୍ରୋ

ସପ୍ତଦଶ ବିଧାନସଭା ବଜେଟ୍ ଅଧିବେଶନ ଦ୍ୱିତୀୟ ପର୍ଯ୍ୟାୟ ପ୍ରଥମାର୍ଦ୍ଧରେ କଟକ ବଡ଼ ମେଡିକାଲ ଅଗ୍ନିକାଣ୍ଡ ଘଟଣାରେ ୧୨ ଜଣଙ୍କ ମୃତ୍ୟୁକୁ ନେଇ ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ଆଜି ଗୃହକାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏବଂ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗଙ୍କ ଇସ୍ତଫା ସହିତ ମୃତକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରିବା ନେଇ ଗୃହରେ ଦାବି କରିଥିଲେ। ଏହି ପ୍ରସଙ୍ଗକୁ ନେଇ ବିରୋଧୀମାନେ ହଟ୍ଟଗୋଳ କରିବାରୁ ବାଚସ୍ପତି ପ୍ରଥମେ ୧୦ଟା ୩୭ ମିନିଟ୍‌ରୁ ୧୨ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିଥିଲେ। ପରେ ୧୨ଟାରୁ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବାଚସ୍ପତି ଉଭୟ ଦଳର ସଦସ୍ୟଙ୍କୁ ନିଜ ନିଜ ଆସନକୁ ଫେରିଯିବାକୁ ନିବେଦନ କରିଥିଲେ ମଧ୍ୟ ଗୃହକାର୍ଯ୍ୟ ସ୍ୱାଭାବିକ ହୋଇପାରି ନ ଥିଲା। ଫଳରେ ୧୨ଟା ୧୫ ମିନିଟ୍‌ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖାଯାଇଛି।

ଆଜି ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ବିଜେଡିର ସଦସ୍ୟମାନେ ଗୃହର ମଧ୍ୟ ଭାଗରେ ପୋଷ୍ଟର ପ୍ରଦର୍ଶନ କରିଥିଲେ। ଅନ୍ୟପକ୍ଷେ କଂଗ୍ରେସର ସଦସ୍ୟମାନେ ସମାନ ପ୍ରସଙ୍ଗକୁ ନେଇ ସ୍ଲୋଗାନ ଦେଇଥିଲେ। ସଦସ୍ୟ ଅମର ନାୟକଙ୍କ ଏକ ତାରକା ପ୍ରଶ୍ନର ଉତ୍ତରରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ ଅନୁପସ୍ଥିତିରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ଉତ୍ତର ରଖିଥିଲେ। ବିରୋଧୀଙ୍କ ହୋହାଲ୍ଲା ମଧ୍ୟରେ ମନ୍ତ୍ରୀ ଶ୍ରୀ ମହାଲିଙ୍ଗଙ୍କ ଉତ୍ତର ଶୁଣା ଯାଇନଥିଲା।

BBSR/R

# ବିଧାନସଭା- ଅଗ୍ନିକାଣ୍ଡ

କଟକ ବଡ଼ଡାକ୍ତରଖାନା ଅଗ୍ନିକାଣ୍ଡ ଘଟଣାରେ ଆଜି ବିଧାନସଭାରେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ବିରୋଧୀଙ୍କ ପ୍ରଶ୍ନର ଉତ୍ତର ରଖିଛନ୍ତି। ଦୁର୍ଘଟଣାକୁ ଅତ୍ୟନ୍ତ ଦୁଃଖଦାୟକ ବୋଲି କହିବା ସହ ସ୍ୱାସ୍ଥ୍ୟମନ୍ତ୍ରୀ ମୃତକଙ୍କ ଆତ୍ମାର ସଦ୍‌ଗତି ଓ ଆହତଙ୍କ ଆଶୁଆରୋଗ୍ୟ କାମନା କରିଛନ୍ତି। ଅଗ୍ନିକାଣ୍ଡ ପରବର୍ତ୍ତୀ ସ୍ଥିତି ସମ୍ପର୍କରେ ସୂଚନା ଦେଇ ମନ୍ତ୍ରୀ ଡକ୍ଟର ମହାଲିଙ୍ଗ କହିଛନ୍ତି, ଏସ୍‌ସିବି ଟ୍ରମା କେୟାର ସେଣ୍ଟରର ପ୍ରଥମ ମହଲା ଆଇ.ସି.ୟୁ ଏବଂ ପାଖାପାଖି ୱାର୍ଡରେ ଥିବା ୨୩ ଜଣ ରୋଗୀଙ୍କୁ ଡାକ୍ତରଖାନା କର୍ମଚାରୀମାନେ ତୁରନ୍ତ ସ୍ଥାନାନ୍ତର କରିଥିଲେ। ଆଇ.ସି.ୟୁ.ରେ ଥିବା ୭ ଜଣ ରୋଗୀଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ

ସେମାନଙ୍କର ମୃତ୍ୟୁ ହୋଇଥିଲା ଏବଂ ସ୍ଥାନାନ୍ତର ପରେ ଚିକିତ୍ସାଧୀନ ଅବସ୍ଥାରେ ଅନ୍ୟ ୫ ଜଣ ଗୁରୁତର ରୋଗୀଙ୍କ ଦେହାନ୍ତ ହୋଇଥିଲା। ରୋଗୀମାନଙ୍କୁ ଉଦ୍ଧାର କରିବାକୁ ଯାଇ ନିଆଁରେ ପ୍ରଭାବିତ ହୋଇଥିବା ୧୧ ଜଣ ମେଡିକାଲ କର୍ମଚାରୀଙ୍କ ଚିକିତ୍ସା ଚାଲିଛି। ସେମାନେ ବିପଦମୁକ୍ତ ଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।

ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି, ଘଟଣା ଘଟିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୋର୍ ସମୟରେ ଡାକ୍ତରଖାନାରେ ପହଁଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହିତ ସହାୟତା ରାଶି ଓ ଘୋଷଣା କରିଛନ୍ତି।

ଗୃହରେ ସୂଚନା ଦେଇ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ଥିବା ୨ ହଜାର ୧୦ଟି ଡାକ୍ତରୀ ପ୍ରତିଷ୍ଠାନର ଫାୟାର ଅଡିଟ୍ କରାଯାଇଛି। ଏହି ସବୁ ଡାକ୍ତରୀ ପ୍ରତିଷ୍ଠାନରେ ରହିଥିବା ଆବଶ୍ୟକତା ଭରଣା କରିବା ପାଇଁ ରାଜ୍ୟ ସରକାର ପ୍ରଥମଥର ପାଇଁ ସ୍ୱତନ୍ତ୍ର ବଜେଟ୍‌ରେ ବ୍ୟବସ୍ଥା କରିଛନ୍ତି। ଏସ୍‌ସିବି ମେଡିକାଲ କଲେଜରେ ୮୫ଟି ବିଭିନ୍ନ ରୋଗ ଚିକିତ୍ସା କୋଠା ରହିଛି। ସେ ସବୁରେ ରହିଥିବା ଆବଶ୍ୟକତାକୁ ଚିହ୍ନଟ କରାଯାଇ ତାହା ପୂରଣ କରିବା ପାଇଁ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଡାକ୍ତରୀଖାନାଗୁଡ଼ିକର ଆବଶ୍ୟକତା ପୂରଣ ପାଇଁ ୨୦୨୫-୨୬ ଆର୍ଥିକ ବର୍ଷରେ ୩୨୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିବା ବେଳେ

୨୦୨୬-୨୭ ଆର୍ଥିକ ବର୍ଷରେ ମଧ୍ୟ ଏ ବାବଦରେ ୪୦୦ କୋଟି ଟଙ୍କାର ପ୍ରାବଧାନ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି, ବଡ଼ ମେଡିକାଲ ଅଗ୍ନିକାଣ୍ଡ ଘଟଣାରେ ବିଚାର ବିଭାଗୀୟ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଅବସରପ୍ରାପ୍ତ ବିଚାରପତି ଲକ୍ଷ୍ମୀଧର ବିଶ୍ୱାଳଙ୍କ ଦ୍ୱାରା ହେବାକୁ ଥିବା ଏହି ତଦନ୍ତ ପ୍ରକ୍ରିୟାରେ ସମ୍ପୂର୍ଣ୍ଣ ସହଯୋଗ କରିବା ପାଇଁ ଡାକ୍ତରଖାନାର ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତ ରିପୋର୍ଟ ଆଧାରରେ ଦୋଷୀ ସାବ୍ୟସ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏଥିସହିତ ଭବିଷ୍ୟତରେ ଏଭଳି ଦୁଃଖଦ ଘଟଣାର ଯେପରି ପୁନରାବୃତ୍ତି ନ ହୁଏ ସେଥିପ୍ରତି ସତର୍କ ରହିବା ପାଇଁ ରାଜ୍ୟ ସମସ୍ତ ହସ୍ପିଟାଲର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ମନ୍ତ୍ରୀ ଡକ୍ଟର ମହାଲିଙ୍ଗ ଗୃହକୁ ସୂଚନା ଦେଇଛନ୍ତି।

HS

## ଏଚ୍‌ପିଭି ଟିକାକରଣ

ଦେଶବ୍ୟାପୀ ହ୍ୟୁମାନ ପାପିଲୋମା ଭାଇରସ୍ – ଏଚ୍.ପି.ଭି. ଟିକାକରଣ ଅଭିଯାନ ଦ୍ରୁତଗତିରେ ଆଗେଇ ଚାଲିଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଅଭିଯାନ ଆରମ୍ଭ ହେବାର ମାତ୍ର ଦୁଇ ସପ୍ତାହ ମଧ୍ୟରେ ୧୪ ବର୍ଷ ବୟସରୁ ପ୍ରାୟ ୩ ଲକ୍ଷ କିଶୋରୀଙ୍କୁ ଏହି ଟୀକା ପ୍ରଦାନ କରାଯାଇଛି। ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ,

ଗୁଜୁରାଟ, ଓଡ଼ିଶା ଓ ମିଜୋରାମ ଭଳି ରାଜ୍ୟ ଟିକାକରଣରେ ଆଗରେ ରହିଛନ୍ତି। ରାଜ୍ୟଗୁଡ଼ିକ ସ୍କୁଲ ଓ ସ୍ୱାସ୍ଥ୍ୟ ବିଭାଗର ସହଯୋଗରେ କାର୍ଯ୍ୟକ୍ରମ ଚଳାଉଛନ୍ତି। ଏଚ୍.ପି.ଭି. ଟିକା ଜରାୟୁ ଗ୍ରୀବା କର୍କଟରୁ ସୁରକ୍ଷା ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଅଭିଯାନକୁ ନେଇ ଅଭିଭାବକ, ସ୍କୁଲ ଓ ଗୋଷ୍ଠୀ ସମୁଦାୟରେ ସଚେତନତା ବୃଦ୍ଧି ସହିତ ସକାରାତ୍ମକ ପ୍ରତିକ୍ରିୟା ମିଳୁଛି। ଟିକାକରଣ ଅଭିଯାନଟି ଶିକ୍ଷା ଅଧିବେଶନ ସମୟରେ ଆରମ୍ଭ କରାଯାଇଛି।

I&PR

# ଅଷ୍ଟ୍ରେଲିଆ କନସୁଲ ଜେନେରାଲ

ଭୁବନେଶ୍ୱରରେ ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କୁ କୋଲକାତାସ୍ଥିତ ଅଷ୍ଟ୍ରେଲିଆର କନସୁଲ ଜେନେରାଲ ବର୍ଣ୍ଣାଡ ଲିଞ୍ଚ ଆଜି ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ସାକ୍ଷାତ ସମୟରେ ଶିଳ୍ପ ଏବଂ ଦକ୍ଷତାବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ବିଭିନ୍ନ ଦିଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି। ପାରାଦ୍ୱୀପ ବନ୍ଦର କାର୍ଗୋ ପରିବହନ କ୍ଷେତ୍ରରେ ଦେଶର ଶୀର୍ଷ ସ୍ଥାନ ଅଧିକାର କରି ଏକ ପ୍ରମୁଖ କେନ୍ଦ୍ର ଭାବେ ଉଭା ହୋଇଛି ବୋଲି ଅଷ୍ଟ୍ରେଲିଆର କନସୁଲ ଜେନେରାଲ ପ୍ରଶଂସା କରି କହିଛନ୍ତି। ଆଗାମୀ ଦିନରେ ଓଡ଼ିଶା ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଏହି କ୍ଷେତ୍ରରେ ସହଭାଗିତା ବୃଦ୍ଧି ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶିଳ୍ପକ୍ଷେତ୍ରରେ ଅଧିକ ନିବେଶ ଏବଂ ଯୁବପିଢ଼ିଙ୍କ ପାଇଁ ଅତ୍ୟାଧୁନିକ ବୈଷୟିକ ଶିକ୍ଷାର ସୁଯୋଗ ସୃଷ୍ଟି କରିବା ନେଇ

ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଥିଲା । ବିଗତ ୨ ବର୍ଷ ମଧ୍ୟରେ ରାଜ୍ୟ ସରକାର ଶିଳ୍ପ କ୍ଷେତ୍ରରେ ଉନ୍ନତି ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି ।  ରାଜ୍ୟର ଅର୍ଥନୀତିକୁ ସୁଦୃଢ଼ କରିବା ସହିତ ଦକ୍ଷ ମାନବ ସମ୍ବଳ ପ୍ରସ୍ତୁତ କରିବା ଦିଗରେ ଏହି ସହଭାଗିତା ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି ।

Ganjam

## ପିଣ୍ଡଦାନ

ପବିତ୍ର ଚୈତ୍ର ତ୍ରୟୋଦଶୀ ତିଥିରେ ଗଞ୍ଜାମ ଜିଲ୍ଲା ଆସିକାସ୍ଥିତ ଋଷିକୂଲ୍ୟା ଓ ବଡ଼ନଦୀ ସଂଗମ, ସୋରଡ଼ା ଏବଂ ପୁରୁଷୋତ୍ତମପୁର ବ୍ଲକର ପ୍ରତାପପୁର ନିକଟ ଋଷିକୂଲ୍ୟା ନଦୀଘାଟରେ ଆଜି ଭୋର୍ ଲକ୍ଷାଧିକ ଶ୍ରଦ୍ଧାଳୁ ମହାବାରୁଣୀ ସ୍ନାନ କରି ପିତୃପୁରୁଷଙ୍କୁ ପିଣ୍ଡଦାନ ଓ ଅସ୍ଥି ବିସର୍ଜନ କରିଛନ୍ତି । ବାରୁଣୀ ସ୍ନାନ ଉପଲକ୍ଷେ ଶ୍ରଦ୍ଧାଳୁମାନଙ୍କ ପାଇଁ ପ୍ରଶାସନ ପକ୍ଷରୁ ଶୌଚାଳୟ, ପାନୀୟ ଜଳ ଯୋଗାଣ, ଆଲୋକୀକରଣ, ପ୍ରାଥମିକ ଚିକିତ୍ସା ଓ ପାର୍କିଂ ବ୍ୟବସ୍ଥା କରାଯାଇଛି ।

Desk

## ବାରୁଣୀ ସ୍ନାନ

ଯାଜପୁରର ପବିତ୍ର ବୈତରଣୀ ନଦୀରେ ଆଜି ହଜାର ହଜାର ଶ୍ରଦ୍ଧାଳୁ ବାରୁଣୀ ସ୍ନାନ କରିବା ସହିତ ପିତୃପୁରୁଷଙ୍କୁ ପିଣ୍ଡଦାନ କରିଛନ୍ତି । ବୈତରଣୀ ନଦୀରେ ଆଜି ବାରୁଣୀ ବୁଡ଼ ପକାଇଲେ କୋଟି ଜନ୍ମର

ପାପକ୍ଷୟ ହୁଏ ବୋଲି ବିଶ୍ୱାସ ରହିଛି । ଜିଲ୍ଲା ପୌର ପ୍ରଶାସନ ପକ୍ଷରୁ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି ।

Nuapada

## ମାନସିକ ଏକାଗ୍ରତା କାର୍ଯ୍ୟକ୍ରମ

ନୂଆପଡ଼ା ଇଣ୍ଡୋର ଷ୍ଟାଡିୟମ୍‌ରେ ଜିଲ୍ଲା ପୁଲିସ ପକ୍ଷରୁ ଆନପାନ ମାନସିକ ଏକାଗ୍ରତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ମଧୁସୂଦନ ଦାସ, ନୂଆପଡ଼ା ଆରକ୍ଷୀ ଅଧୀକ୍ଷକ ଅମୃତପାଲ ସିଂହଙ୍କ ସମେତ ଯୋଗଗୁରୁ, ପୁଲିସ ଅଧିକାରୀ, ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ସ୍ଥାନୀୟ ଜନସାଧାରଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

Desk

## ଚୈତ୍ର ମଙ୍ଗଳବାର ଯାତ୍ରା

ରାଜ୍ୟର ବିଭିନ୍ନ ଶକ୍ତିପୀଠରେ ଆଜି ଚୈତ୍ର ମଙ୍ଗଳବାର ପୂଜାର୍ଚ୍ଚନା ରୀତିନୀତିରେ ଜାରି ରହିଛି । ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ଇଷ୍ଟଦେବୀ ମା' ତାରାତାରିଣୀଙ୍କ ଦ୍ୱିତୀୟ ପାଳି ଚୈତ୍ର ମଙ୍ଗଳବାର ଯାତ୍ରା ଆଜି ସକାଳୁ ଆରମ୍ଭ ହୋଇଛି । ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ପରିଲକ୍ଷିତ ହୋଇଛି ।

ଶୁଣନ୍ତୁ ଏ ସମ୍ପର୍କରେ ଏକ ସ୍ୱତନ୍ତ୍ର ରିପୋର୍ଟ...

ଓଡ଼ିଶାର ପ୍ରସିଦ୍ଧ ଶକ୍ତିପୀଠମାନଙ୍କ ମଧ୍ୟରେ ମା' ତାରାତାରିଣୀଙ୍କ ପୀଠ ଅନ୍ୟତମ । ଗଞ୍ଜାମ ଜିଲ୍ଲାର ଋଷିକୂଲ୍ୟା ନଦୀକୂଳରେ ଅବସ୍ଥିତ ଏହି

ପୀଠରେ ତାରା ଓ ତାରିଣୀ  ଆଦିଶକ୍ତି ରୂପରେ ପୂଜା ପାଇଆସୁଅଛନ୍ତି। ଚୈତ୍ର ମଙ୍ଗଳବାରରେ ଭକ୍ତମାନେ ମା'ଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କଲେ ମନୋସ୍କାମନା ପୂରଣ ହୁଏ ବୋଲି ବିଶ୍ୱାସ ରହିଛି। ଆଜି ସକାଳୁ ପ୍ରଥମେ ମନ୍ଦିର ଦ୍ୱାରଫିଟା ନୀତି ପରେ ମଙ୍ଗଳ ଆରତୀ, ଅବକାଶ, ମାଜଣା ଆଦି ନୀତିକାନ୍ତି ସମ୍ପନ୍ନ କରାଯାଇ ମା' ତାରାତାରିଣୀ ଦୁଇ ଭଉଣୀଙ୍କୁ ମହାଲକ୍ଷ୍ମୀ ବେଶରେ ସଜ୍ଜିତ କରାଯାଇଛି । ରାତି ୩ଟାରୁ ମୁଣ୍ଡନ କାର୍ଯ୍ୟ ଆରମ୍ଭ ହୋଇଛି । ମା'ଙ୍କୁ ନାରୀଶକ୍ତିର ପ୍ରତୀକ ଭାବରେ ଦେଖାଯାଏ। ଯାହା ଭକ୍ତଙ୍କ ମନରେ ସାହସ, ଶକ୍ତି ଓ ଆଶାର ଭାବ ସଞ୍ଚାର କରିଥାଏ। ବହୁ ଭକ୍ତ ପାହାଡ଼ ଉପରକୁ ପ୍ରାୟ ୯୯୯ ସିଢ଼ି ଚଢ଼ି ମା'ଙ୍କ ଦର୍ଶନ ପାଇଁ ଧାଇଁ ଆସିଥାନ୍ତି। ମା'ଙ୍କ ଚୈତ୍ର ବ୍ରତ ସମ୍ପର୍କରେ ଜଣେ ଶ୍ରଦ୍ଧାଳୁ ପ୍ରତିକ୍ରିୟାରେ କହିଛନ୍ତି...

**- V/O -**

ଭକ୍ତଙ୍କ ସୁବିଧା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏ ସମ୍ପର୍କରେ ଜିଲ୍ଲାପାଳ ଭି.କୀର୍ତ୍ତିଭାସନ ପ୍ରତିକ୍ରିୟାରେ କହିଛନ୍ତି।

**- V/O -**

ଚୈତ୍ର ମଙ୍ଗଳବାର ଯାତ୍ରା କେବଳ ଧାର୍ମିକ ଆସ୍ଥାର ପ୍ରତୀକ ନୁହେଁ, ଏହା ଓଡ଼ିଶାର ସାଂସ୍କୃତିକ ଐତିହ୍ୟ ଓ ପରମ୍ପରାର ଜୀବନ୍ତ ଦୃଷ୍ଟାନ୍ତ।

ଆକାଶବାଣୀ କଟକ ସମ୍ବାଦ ବିଭାଗ ପକ୍ଷରୁ ମୁଁ ସ୍ମୃତିରେଖା ତାରେଣିଆ

Keonjhar

## ସୁଗମ୍ୟ ବିଜ୍ଞାନାଗାର

କେନ୍ଦୁଝର ଜିଲ୍ଲା ମୁଖ୍ୟାଳୟର ସିଦ୍ଧମଠ'ଠାରେ ଥିବା ଦୃଷ୍ଟିହୀନ ବିଦ୍ୟାଳୟରେ ସୁଗମ୍ୟ ବିଜ୍ଞାନଗାରାକୁ କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚ୍.ଡି. ଉଦ୍‌ଘାଟନ କରିଛନ୍ତି। ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଉପସଚିବ ସନ୍ନ୍ୟାସ କୁମାର ବେହେରା ସମ୍ମାନିତ ଅତିଥିଭାବେ ଯୋଗଦେଇ ପିଲାଟି ଦିନରୁ ଦୃଷ୍ଟିହୀନ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଜ୍ଞାନ ଶିକ୍ଷାପ୍ରତି ଆଗ୍ରହ ସୃଷ୍ଟି କରିବା ଓ ଦୈନନ୍ଦୀନ ଜୀବନରେ ବିଜ୍ଞାନର ଅବଦାନ ସମ୍ପର୍କରେ ସେମାନଙ୍କୁ ପରିଚିତ କରାଇବା ନିମନ୍ତେ ଏହି ବିଜ୍ଞାନଗାରା କାର୍ଯ୍ୟ କରିବ ବୋଲି ମତବ୍ୟକ୍ତ କରିଥିଲେ।